

## ୭ମ ବର୍ଷ ● ୨ୟ ସଂଖ୍ୟା ● ଅକ୍ଟୋବର ୨୦୧୭

**ଆମ ମତ:** ଜିଏସ୍‌ଟି ପ୍ରଚଳନ ହେବା ଫଳରେ, ସାଧାରଣ ଜନତା ଉପକୃତ ହୋଇଛନ୍ତି କି ?

**ଆସ ଜାଣିବା:** ବାଣ କଥା

**ବିଜ୍ଞାନ ଗପ :** ଶ୍ରେଷ୍ଠ ଉପହାର

**ନାଟକ:** କ-ଖ-ଗ-ଘ

**ଗପ:** ଟୁପ୍‌ଲି ଓ ଟିମ୍ପା, ଆଉ ଏମିତିକା କରିବୁ ନାହିଁ, ପ୍ରହରୀ : କାଳିଦାସ, ...

**କବିତା:** ସଫାସୁତୁରା, ଦୂର, ଦାନ, ...

ଏଥିସହିତ କୁନିକୁନାଙ୍କ ପାଠଶାଳା, ହସକଥା, ଖବର ଓ ଆହୁରି ଅନେକ ବିଭାଗ।

### ଆମ ମତ :

ସମଗ୍ର ଦେଶରେ ଏବେ ନୂଆକରି ଆରମ୍ଭ ହୋଇଛି ଜିଏସ୍‌ଟିର ପ୍ରଚଳନ। ଏହା ସାଧାରଣ ଜନତାଙ୍କ ପାଇଁ କେତେ ଉପକାର ଆଣିଛି, ସେ ସମ୍ପର୍କରେ ମତ ରଖିଛନ୍ତି ଆମର କୁନାକୁନିମାନେ।

### ଆସ ଜାଣିବା : ବାଣ କଥା
### ଲେଖକ : କେଦାର ପୃଷ୍ଟି

ଦୀପାବଳି ଆସିଲେ ଚାରିଆଡ଼େ ବାଣର ଢୋ-ଢା ଶବ୍ଦ କାନକୁ କେମିତି କେମିତି କରିପକାଏ। ହେଲେ ବାଣ କ'ଣ ସେ ସମ୍ପର୍କରେ ଲେଖକ ଏହି ଲେଖାରେ ସବିଶେଷ ଆଲୋଚନା କରିଛନ୍ତି।

### ଗପ: ଟୁପ୍‌ଲି ଓ ଟିମ୍ପା
### ଲେଖକ: ଦାଶ ବେନହୁର

ଟୁପ୍‌ଲିର ମନଥିଲା କୁକୁରଟିଏ ପାଳନ୍ତା। ଆଉ ଶେଷରେ ତା' ଇଚ୍ଛା ପୂରଣ ହୋଇଛି। ଅତି ସୁନ୍ଦର ଭାବରେ ଟୁପ୍‌ଲିର ମନକଥାକୁ ଏହି ଗପରେ ଲେଖକ ରୂପ ଦେଇଛନ୍ତି।

### ଗପ: ଆଉ ଏମିତିକା କରିବୁ ନାହିଁ
### ଲେଖକ: ସୁଶାନ୍ତ କୁମାର ନନ୍ଦ

ନୂଆକରି ସ୍କୁଲରେ ଯୋଗ ଦେଇଥିବା ହେଡ଼ସାର, ଗାନ୍ଧିଜୀଙ୍କ ସମ୍ପର୍କରେ ଗପଟିଏ ଅବତାରଣା କରି ଆଉ ଭୁଲ୍ କାମ ନ କରିବାକୁ ପିଲାମାନଙ୍କୁ ଶିକ୍ଷା ଦେଇଛନ୍ତି, ତାହା ହିଁ ଗପଟିର ବିଷୟବସ୍ତୁ।

### ବିଜ୍ଞାନ ଗପ: ଶ୍ରେଷ୍ଠ ଉପହାର
### ଲେଖିକା : ଜ୍ୟୋତିର୍ମୟୀ ମହାନ୍ତି

ବହି ପଢ଼ିଲେ କ'ଣ ସୁଫଳ ମିଳେ ? ଲେଖିକା ବୈଜ୍ଞାନିକ ଢଙ୍ଗରେ ଏହି ଗପଟିର ଅବତାରଣା କରିଛନ୍ତି।

### ଗପ: ପ୍ରହରୀ : କାଳିଦାସ
### ଲେଖକ : ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ସମ୍ରାଟ ବିକ୍ରମାଦିତ୍ୟ କିପରି ତାଙ୍କ ରାଜ୍ୟର ଜଣେ ଶ୍ରେଷ୍ଠ ଯୁବକବିଙ୍କୁ ଚୟନ କରିବାକୁ ଚାହିଁଥିଲେ ଓ ସେ ହିଁ ପରବର୍ତ୍ତୀ ସମୟର ବିଖ୍ୟାତ କବି 'କାଳିଦାସ' ଅଟନ୍ତି। ଏହି ବିଷୟକ ଏକ ସୁନ୍ଦର ଗପ।

### ଗପ: ରକ୍ତମୁଖ ଓ କରାଳମୁଖର ନୂଆ କାହାଣୀ
### ଲେଖିକା : ସ୍ୱାଗତିକା ସେଠୀ

ପୁରୁଣା ଗପ, ନଈକୂଳର ମାଙ୍କଡ଼ ଓ କୁମ୍ଭୀର ସମସ୍ତେ ଜାଣନ୍ତି। ସେହି ଗପକୁ ନୂଆ ରୂପଟିଏ ପ୍ରଦାନ କରିଛନ୍ତି ଲେଖିକା।

### ଗପ: ଉପହାର
### କୁନି ଲେଖିକା: ଶ୍ରୀରୂପା ଶ୍ୱେତପଦ୍ମା ଭୋଇ

ସିଲି ତା'ର ସାଙ୍ଗର ଜନ୍ମଦିନରେ ଏମିତି କ'ଣ ଉପହାର ଦେଲା ଯେ ଯାହାକି ହେଲା ସମସ୍ତଙ୍କଠାରୁ ଶ୍ରେଷ୍ଠ ଉପହାର ? ତାହା ହିଁ ଗପର ବିଷୟବସ୍ତୁ।

**ନାଟକ: କ-ଖ-ଗ-ଘ**

**ଲେଖକ: ହୃଷୀକେଶ ପୁରୋହିତ**

ଜଣେ ପିଲା ଗାନ୍ଧିଜୀଙ୍କ ତିନିମାଙ୍କଡ଼କୁ ଭଲ କହିଲା ବେଳେ, ଆଉ ଜଣେ କହୁଛି ଖରାପ। ଶେଷରେ ଭୁଲ୍ କହୁଥିବା ପିଲାଟି ବୁଝିପାରିଛି ନିଜର ଭୁଲକୁ। ଏହାହିଁ ନାଟକର ବିଷୟବସ୍ତୁ।

**ଆଫ୍ରିକୀୟ ଶିଶୁ ଗଳ୍ପ : ମୁଣ୍ଡହୀନ କଙ୍କଡ଼ା**

**ଅନୁବାଦ : କ୍ଷୀରୋଦ ପରିଡ଼ା**

ସବୁ ପ୍ରାଣୀଙ୍କର ମୁଣ୍ଡ ଥିବାବେଳେ, କଙ୍କଡ଼ାର ମୁଣ୍ଡ ଅଛି କି ? ଏପରି ଏକ ସୁନ୍ଦର ଆଫ୍ରିକୀୟ କାହାଣୀକୁ ଓଡ଼ିଆରେ ଅନୁବାଦ କରିଛନ୍ତି ଲେଖକ।

**କବିତା : ସଫାସୁତୁରା**

**ଲେଖକ : ସୁରେନ୍ଦ୍ର ସାହୁ**

ସଫାସୁତୁରା କାହିଁକି ରଖିବା, ତାହା ହିଁ କବିତାର ବିଷୟବସ୍ତୁ।

**କବିତା : ଦୂର**

**ଲେଖକ : ବିଜୟ କୁମାର ମହାନ୍ତି**

ଦୂରରେ ଥିବା ପାହାଡ଼ ଖୁବ୍ ସୁନ୍ଦର। ସେହିପରି ଆଉ କ’ଣ କ’ଣ ସୁନ୍ଦର ତାହାହିଁ କବିତାର ବିଷୟବସ୍ତୁ।

**କବିତା : ଦାନ**

**ଲେଖକ : ଜ୍ୟୋତି ପ୍ରକାଶ ଗଡ଼ତ୍ୟା**

ଦାନ କଲେ କିପରି ପୁଣ୍ୟ ମିଳେ, ତାହାହିଁ କବିତାଟିରେ ଦର୍ଶାଇ ଦିଆଯାଇଛି।

**କବିତା : ମରୁଭୂମିର ଜାହାଜ ମୁହିଁ**

**ଲେଖକ : ଦିଗରାଜ ବ୍ରହ୍ମା**

ଓଟକୁ କୁହାଯାଏ ମରୁଭୂମିର ଜାହାଜ। ସେହି ଭାବଧାରାକୁ କବିତାରେ ରୂପ ଦିଆ ଯାଇଛି।

**କବିତା : ଖବରକାଗଜ ନାମଟି ମୋର**

**ଲେଖକ : ଲିଙ୍ଗରାଜ ରଥ**

ଖବରକାଗଜ ସଂପର୍କରେ କେତେକ କଥାକୁ ଏହି କବିତାରେ ରୂପ ଦିଆଯାଇଛି।

**ବଡ଼ମଣିଷଙ୍କ କଥା : ମହାତ୍ମା ଗାନ୍ଧୀଙ୍କ ମହାନ ସେବା**

**ଲେଖିକା : ଜୟନ୍ତୀ ସାହୁ**

ଗାନ୍ଧିଜୀ ଥିଲେ ସେବାର ମୂର୍ତ୍ତିମନ୍ତ ପ୍ରତୀକ। ତାଙ୍କ ଜୀବନୀରୁ ଏହା ଏକ କାହାଣୀ।

**ବଡ଼ମଣିଷଙ୍କ କଥା : ସିଏ ଥିଲେ ଆଚାର୍ଯ୍ୟ ହରିହର**

**ଲେଖିକା : ଶକୁନ୍ତଳା ମିଶ୍ର**

ଆଚାର୍ଯ୍ୟ ହରିହରଙ୍କ ଜୀବନୀରୁ ସୁନ୍ଦର ଏକ କାହାଣୀ, ଏହି ଗଳ୍ପଟି।

**କେମେଷ୍ଟ୍ରି କାହାଣୀ : ପୃଥିବୀରେ ଜଳର ପ୍ରକାର ସର୍ବତ୍ର ସମାନ କି ?**

**ଲେଖକ: ନିତ୍ୟାନନ୍ଦ ପଣ୍ଡା**

ଜଳକୁ ଆମେ ଗୋଟିଏ କହୁଥିଲେ ମଧ୍ୟ ଏହାର ବିଭିନ୍ନ ପ୍ରକାରଭେଦ ରହିଛି। ସେ ବିଷୟକ ଆଲୋଚନାଟିଏ।

**ରାଜ୍ୟ ଖବର:**

କିସ୍ ପରିଦର୍ଶନ କଲେ ମୁଖ୍ୟମନ୍ତ୍ରୀ ଓ ଲାଫ୍‌ଟର ଯୋଗରେ କିସ୍‌ର ଗିନିଜ୍ ବିଶ୍ୱ ରେକର୍ଡ।

**ତୁମ ପାଇଁ ଖବର**

ଟେଡି ବିୟର୍‌ର ମାଲିକାଣୀ, ମହିଳା ମହାକାଶଚାରୀଙ୍କ ରେକର୍ଡ, ମଣିଷ ଶରୀରର ଭିତର ଅଂଶ ଦେଖିପାରିବ କ୍ୟାମେରା, ଉପନ୍ୟାସ ନାଁରେ ନାମିତ ହେବ ଟ୍ରେନ୍, ପୃଥିବୀର ସବୁଠାରୁ ବଡ଼ସାପ: ଆନାକୋଣ୍ଡା ଓ ବଜାରକୁ ଆସିଲା ନୂଆ ୨୦୦ ଟଙ୍କିଆ ନୋଟ।

**ଖେଳ ଖବର**

ଓଡ଼ିଶାରେ ଆୟୋଜିତ ହେବ ହକି ବିଶ୍ୱ ଲିଗ୍, ଭାରତର ମୂଳପୋଛ ହ୍ୟାଟ୍ରିକ୍ ଏବଂ ଝିଲ୍ଲୀ ଓ ସ୍ନେହାଙ୍କୁ ସ୍ୱର୍ଣ୍ଣ ପଦକ।

**ଚଳଚ୍ଚିତ୍ର ଖବର**

'ହିରୋ ନମ୍ବର ୱାନ', 'ସପନର ପଥେପଥେ' ଓ 'ତୁହ୍ମାରୀ ସୁଲୁ' ।

**ନିୟମିତ ବିଭାଗ ସ୍ଥାନିତ ହୋଇଛି ଯଥା :**

**କେଦାର ପୃଷ୍ଟିଙ୍କ ପ୍ରସ୍ତୁତି 'କୁନିକୁନାଙ୍କ ପାଠାଶାଳା-୪୩', ଶରତ କୁମାର ନାୟକଙ୍କ ରଚିତ 'କବିତା-ଧନ୍ଦା' ଓ ଅନ୍ୟାନ୍ୟ ଅନେକ ବିଭାଗ, ଯଥା: ଚିହ୍ନିଲ କିଏ ? କିଏ ଅଲଗା ?, ବାଟ ବତାଅ, ଜାଣିଛ କି ?, ପାର୍ଥକ୍ୟ ଖୋଜ, ଶବ୍ଦ-ଧନ୍ଦା, ତୁମ ତୂଳୀରୁ ଓ ରଙ୍ଗଦିଅ ଇତ୍ୟାଦି।**

■■■